## ସଂକ୍ଷେପରେ

### ଭୋଟର ସାକ୍ଷରତା ଅଭିଯାନ

ରାୟଗଡ଼ା,୧୪।୭ (ଭାଗ୍ୟଶ୍ରୀ ମିଶ୍ର)- ରାୟଗଡ଼ାସ୍ଥିତ ଜିଲା ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଭୋଟର ସାକ୍ଷରତା ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର ଯୋଗଦେଇ ନିର୍ବାଚନ ନିମନ୍ତେ ଥିବା ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ । ଶିକ୍ଷକ ନୀଳାଞ୍ଚଳ ମିଶ୍ର ଇଭିଏମ୍‌ର ବ୍ୟବହାର, ଭୋଟର ହେବା ନିମନ୍ତେ ଯୋଗ୍ୟତା, ଅନ୍‌ଲାଇନ ମାଧ୍ୟମରେ ଭୋଟର ତାଲିକାରେ ନାମ ସଂଯୋଗ, ବାଦ୍ ଓ ସଂଶୋଧନ ବିଷୟରେ ପିଲାଙ୍କୁ ଅବଗତ କରିଥିଲେ । ଜିଲା ହାଇସ୍କୁଲରେ ନବନିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ ଯୋଗଦେଇ ସୁଦୃଢ଼ ଗଣତନ୍ତ୍ର ନିମନ୍ତେ ନିର୍ବାଚନୀ ସାକ୍ଷରତା ଜରୁରୀ ଏବଂ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଭୋଟର ସାକ୍ଷରତା କ୍ଲବର ସଦସ୍ୟ ହୋଇଥିବାରୁ ନିୟମିତ ଏହି ବିଷୟରେ ସେମାନଙ୍କୁ ଅବଗତ କରାଯିବ ବୋଲି କହିଥିଲେ । ଶିକ୍ଷକ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜଳଯୋଗାଣ ବନ୍ଦ, ପାଣି ପାଇଁ ଲୋକେ ଡହଳବିକଳ

ଗୁଣପୁର,୧୪।୭ (ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର ସହରରେ ଗତ ୨ ଦିନ ହେଲା ଅଘୋଷିତ ଭାବେ ଜଳଯୋଗାଣ ବନ୍ଦ ରହିଛି। ଫଳରେ ପାନୀୟ ଜଳ ପାଇଁ ଲୋକେ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ପୂର୍ବରୁ ଜନସାଧାରଣରେ କୌଣସି ସୂଚନା କିମ୍ବା ଘୋଷଣା ନ କରାଯାଇ ଜଳଯୋଗାଣ ବନ୍ଦ କରାଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଳଯୋଗାଣ କ୍ଷେତ୍ରରେ ଉନ୍ନତୀକରଣ ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା କହି ଗତ କିଛି ମାସ ହେବ ବିନା ସୂଚନାରେ ଦିନେ ୨ ଦିନ ଜଳଯୋଗାଣ ବନ୍ଦ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସହରରେ ଜଳଯୋଗାଣ ବନ୍ଦ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଆଗାମୀ ଦିନରେ ଯଦି ଏପରି ଜଳଯୋଗାଣ ବନ୍ଦ କରାଯାଏ ତେବେ ଏହା ପୂର୍ବରୁ ସର୍ବସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି। ମରାମତି କାର୍ଯ୍ୟ ଚାଲିଥିବାରୁ ଜଳଯୋଗାଣ ପ୍ରଭାବିତ ହୋଇଥିବା ବିଭାଗୀୟ ଯନ୍ତ୍ରୀ ପ୍ରକାଶ କରିବା ସହ ଶନିବାରଠାରୁ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି କହିଛନ୍ତି।

### ୩ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୪।୭ (ପବନ ପାଣିଗ୍ରାହୀ)-୩ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁଜାରିପୁଟର ନରସିଂହ ପାଣ୍ଡି, ଖଣ୍ଡିଆଗୁଡାର ରଘୁ ଖାତି ଓ କୁମୁଲିପୁଟ ହରି ଗୌଡ । ଏମାନଙ୍କ ନାମରେ ଦୀର୍ଘଦିନ ହେଲା ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେମାନେ ଫେରାର ଥିଲେ। ଶୁକ୍ରବାର ସେମାନଙ୍କ ସମ୍ପର୍କରେ ସୂଚନା ପାଇ ପୋଲିସ ଗିରଫ କରିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ଶିକ୍ଷାର ବ୍ୟବସାୟୀକରଣ

# ବିନା ଏନ୍‌ଓସିରେ ଚାଲିଛି ଘରୋଇ ସ୍କୁଲ

- ଏନ୍‌ଓସି ନ ଥାଇ କାର୍ଯ୍ୟକାରୀ ହେଉଛି ଅନ୍ୱେଷା ଯୋଜନା
- ଗୁଣପୁର ପୌରାଞ୍ଚଳର ୩ ସ୍କୁଲର ୧୩୨ ଛାତ୍ରୀଛାତ୍ର ଅନ୍ୟତ୍ର ସ୍ଥାନାନ୍ତର

ରାୟଗଡ଼ା,୧୪।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସାୟରେ ପରିଣତ ହୋଇଛି। ଜିଲା ଶିକ୍ଷା ବିଭାଗର ଏନ୍‌ଓସି ନ ଥାଇ ରାୟଗଡ଼ା ଜିଲାରେ ବହୁ ବେସରକାରୀ ସ୍କୁଲ ଚାଲିଥିବା ଜଣାପଡ଼ିଛି । ଏପରିକି ଏନ୍‌ଓସି ନ ଥିବା ଘରୋଇ ବିଦ୍ୟାଳୟଗୁଡ଼ିକରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରାଯାଇଥିବା ଜଣାପଡ଼ିଛି। ଛାତ୍ରୀଛାତ୍ର ସପ୍ତମ ପାସ୍ ପରେ ଅଷ୍ଟମ ଶ୍ରେଣୀ ବେଳକୁ ସେମାନଙ୍କୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତର କରାଯାଉଛି । ଏହି କ୍ରମରେ ଶୁକ୍ରବାର ଗୁଣପୁରସ୍ଥିତ ଶିବାନୀ ପବ୍ଲିକ ସ୍କୁଲର ୪୮ଜଣ, ମହାତ୍ମା ଗାନ୍ଧୀ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ୬୦ଜଣ ଏବଂ ସାରସ ଆଙ୍ଗଲୋ ବେଦିକ ସ୍କୁଲର ୨୪ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏହି ୧୩୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଗାନ୍ଧୀ ପବ୍ଲିକ ସ୍କୁଲରେ ୮୪ ଜଣ ଏବଂ ବିଦ୍ୟାନିକେତନ ପବ୍ଲିକ ସ୍କୁଲରେ ୪୮ଜଣଙ୍କୁ ଆଡମିସନ କରାଯାଇଥିବା ନେଇ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ ସୂଚନା ଦେଇଛନ୍ତି।

ଶିକ୍ଷା ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ରାୟଗଡା ସହରର ୭ଟି ବିଦ୍ୟାଳୟ ସରକାରଙ୍କଠାରୁ ଏନ୍‌ଓସି ପାଇନାହାନ୍ତି। କିନ୍ତୁ ପ୍ରତି ବିଦ୍ୟାଳୟରେ ୨୦୦ ଲେଖାଏଁ ଛାତ୍ରଛାତ୍ରୀ ନାମ ଲେଖାଇ ପାଠ ପଢୁଛନ୍ତି। ସେହିଭଳି ଗୁଣପୁର ସହରର ୫ଟି ଓ ଗୁଡାରୀ ସହରର ୨ଟି ବିଦ୍ୟାଳୟ ଅନୁମତି ନ ଥାଇ ଚାଲିଛି। ଏହି ବିଦ୍ୟାଳୟଗୁଡିକ ଗତ ୨ ବର୍ଷ ହେବ ଏନ୍‌ଓସି ପାଇଁ ଆବେଦନ କରିଥିବା ଶିକ୍ଷା ବିଭାଗରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି। ହେଲେ କେବେ ଆବେଦନ କରିଛନ୍ତି ତାହାର କୌଣସି ଠିକ୍ ତଥ୍ୟ ସେମାନଙ୍କ ନିକଟରେ ନାହିଁ। ଏହାବ୍ୟତୀତ କୋଲନରା ବ୍ଲକରେ ୩ଟି, ମୁନିଗୁଡା ବ୍ଲକରେ ୪ଟି, ରାମନାଗୁଡା ବ୍ଲକରେ ୩ଟି, ରାୟଗଡା ବ୍ଲକରେ ୪ଟି, ବିଷମକଟକ ବ୍ଲକରେ ୯ଟି, କଲ୍ୟାଣସିଂହପୁର ବ୍ଲକରେ ୨ଟି, କାଶୀପୁର ବ୍ଲକରେ ୬ଟି ବିଦ୍ୟାଳୟ ଅନୁମତି ପାଇନାହାନ୍ତି । ଅନେକ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷ ଏନ୍‌ଓସିର ଅର୍ଥ ଜାଣି ନ ଥିବା ମଧ୍ୟ ଜଣାପଡ଼ିଛି । ଅଭିଭାବକ ମଧ୍ୟ ଏହା ଯାଞ୍ଚ ନ କରି ନିଜ ପିଲାଙ୍କୁ ସିଧାସଳଖ ଦାଖଲ କରୁଛନ୍ତି। ଅପରପକ୍ଷେ ସିବିଏସ୍‌ଇ ଏବଂ ଆଇସିଏସଇ ତରଫରୁ ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ ଅନୁମତି ପାଇ ନ ଥିବା ଅନେକ ବିଦ୍ୟାଳୟ ମୋଟା ଅଙ୍କର ଡୋନେସନ ନେଇ ସେହି ଶ୍ରେଣୀରେ ପିଲାଙ୍କୁ ଆଡମିସନ କରାଉଛନ୍ତି । ପରବର୍ତ୍ତୀ ସମୟରେ ଅନୁମତି ପାଇଥିବା ଅନ୍ୟ ବିଦ୍ୟାଳୟରେ ବୋର୍ଡ଼ ପରୀକ୍ଷା ପାଇଁ ସେମାନଙ୍କ ରେଜିଷ୍ଟ୍ରେଶନ କରୁଛନ୍ତି । ଫଳରେ ରାୟଗଡାରେ ପାଠ ପଢି ଜୟପୁର, ଭବାନୀପାଟଣା, ପାରଳାଖେମୁଣ୍ଡି ବିଦ୍ୟାଳୟର ସାର୍ଟିଫିକେଟ ଛାତ୍ରୀଛାତ୍ର ପାଉଥିବା ଗତ ବର୍ଷମାନଙ୍କରେ ନଜରକୁ ଆସିଥିଲା। ତେବେ ସମ୍ପୂର୍ଣ୍ଣ ଏନ୍‌ଓସି ନ ଥାଇ ମଙ୍ଗଳ ବିଭାଗ କିଭଳି ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରିଛି ତାହା ତଦନ୍ତ ସାପେକ୍ଷ। ସେହିପରି ଘରୋଇ ବିଦ୍ୟାଳୟଗୁଡ଼ିକ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ହଜାର ହଜାର ପିଲାଙ୍କ ଭବିଷ୍ୟତ ସଙ୍କଟଜନକ ଅବସ୍ଥାରେ ରହିଛି । ଏନ୍‌ଓସି ନ ଥାଇ ଚାଲିଥିବା ମାଳମାଳ ବେସରକାରୀ ସ୍କୁଲ ବିଷୟରେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ କିଛି ସ୍କୁଲର ଏନ୍‌ଓସି ରହିଥିବା କହିଛନ୍ତି। ତେବେ ଯେଉଁ ବିଦ୍ୟାଳୟର ଏନ୍‌ଓସି ନାହିଁ ସେଗୁଡ଼ିକର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏନ୍‌ଓସି ପାଇ ନ ଥିବା ସ୍କୁଲରେ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ ନେଇ ଜିଲା ମଙ୍ଗଳ ଅଧିକାରୀ ଶତପଥୀଙ୍କୁ ପଚାରିବାରୁ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ରହିଥିବା ସ୍କୁଲର ସିଓଆର ଭିତ୍ତିରେ ଅନ୍ୱେଷା ଯୋଜନା କାର୍ଯ୍ୟକାରୀ କରାଯାଉଥିବା କହିଥିଲେ।

ସୂଚନା ଅନୁଯାୟୀ, ଜିଲାରେ ଚାଲିଥିବା ବହୁ ଘରୋଇ ବିଦ୍ୟାଳୟ ଆବଶ୍ୟକ ନିୟମାବଳୀ ମଧ୍ୟ ପରିପୂର୍ଣ୍ଣ କରିପାରୁ ନାହାନ୍ତି । ନିୟମାନୁସାରେ ଶ୍ରେଣୀଗୃହ ନ ଥିବା ବେଳେ ଖେଳ ପଡ଼ିଆ ମଧ୍ୟ ନାହିଁ । ଘରୋଇ ବିଦ୍ୟାଳୟଗୁଡ଼ିକ ଅଭିଭାବମାନଙ୍କ ଠାରୁ ମୋଟା ଅଙ୍କର ଡୋନେସନ ନେଇ ବେଆଇନ ଭାବେ ସ୍କୁଲ ଚଳାଇଛନ୍ତି । ଏହା ପଛରେ ଏକ ବଡ଼ ସରକାରୀ ର୍‍ୟାକେଟ କାମ କରୁଥିବା ଅଭିଯୋଗ ହୋଇଛି। ତେଣୁ ସରକାର ଓ ଜିଲା ପ୍ରଶାସନ ଏହାର ତଦନ୍ତ କରି ବେଆଇନ ଭାବେ ଚାଲିଥିବା ଘରୋଇ ବିଦ୍ୟାଳୟ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଗଛରେ ପିଟିହୋଇ ବାଇକ ଚାଳକଙ୍କ ମୃତ୍ୟୁ

ଜୟପୁର,୧୪।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଡଙ୍ଗରପାଉଛି ନିକଟ ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଫାମ୍ପୁଣିର ସୁବ୍ରତ ପ୍ରଧାନ। ସେ ଗ୍ରୀଡ୍‌କୋରେ ସିକ୍ୟୁରିଟି ଗାର୍ଡ କାମ କରୁଥିଲେ। ସୂଚନାନୁଯାୟୀ ଶୁକ୍ରବାର ସକାଳୁ ପ୍ରାତଃ ଭ୍ରମଣରେ ଯାଉଥିବା କେତେଜଣ ଲୋକ ଗୁରୁତର ଅବସ୍ଥାରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖିଥିଲେ। ସେମାନେ ତୁରନ୍ତ ଆମ୍ବୁଲାନ୍ସ ଡକାଇ ନିକଟସ୍ଥ କୁନ୍ଦୁରା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସୁବ୍ରତ ଗୁରୁବାର ରାତିରେ ବାଇକରେ ଫାମ୍ପୁଣି ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ରାତି ଅଧିକ ହୋଇଯାଇଥିବାରୁ ଘଟଣା ସମ୍ପର୍କରେ କେହି ଜାଣିପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ୟୁପିଆଇ ପେମେଣ୍ଟ ନାଁରେ ୨୬ ହଜାର ଟଙ୍କାର ସାମଗ୍ରୀ ଲୁଟ୍

**୨୦ ହଜାରର ମୋବାଇଲ, ୬ ହଜାରର ଡ୍ରେସ୍ ଲୁଟିଲେ ଦୁର୍ବୃତ୍ତ**

ରାୟଗଡ଼ା,୧୪।୭ (ଆଶିଷ ରଞ୍ଜନ ପଣ୍ଡା)


ସିସିଟିଭି ଫୁଟେଜରେ ରେକର୍ଡ ହୋଇଥିବା ଦୁର୍ବୃତ୍ତଙ୍କ ଚିତ୍ର।

ରାୟଗଡ଼ା ସହରରେ ଡିଜିଟାଲ ପେମେଣ୍ଟ ଠକେଇ ସାମ୍ନାକୁ ଆସିଛି। ୨ ଦୋକାନୀ ୟୁପିଆଇ ପେମେଣ୍ଟ ମାଧ୍ୟମରେ ଠକାମିର ଶିକାର ହୋଇଥିବା ଅଭିଯୋଗ ହୋଇଛି। କପିଳାସ ଛକ ନିକଟସ୍ଥ ଜଣେ ମୋବାଇଲ ଦୋକାନୀ ୨୦ ହଜାର ଟଙ୍କା ଏବଂ ରେଳ ଷ୍ଟେଶନ ଛକ ନିକଟସ୍ଥ ଜଣେ କପଡ଼ା ଦୋକାନୀ ୬ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ଜଣାପଡ଼ିଛି।

ଘଟଣାରୁ ପ୍ରକାଶ ଯେ, ବୁଧବାର ଅପରାହ୍ନ ପ୍ରାୟ ୩ଟାରେ ଦୀପକ ସ୍ୱାଇଁ ନାମକ ଜଣେ ବ୍ୟକ୍ତି କପିଳାସ ଛକ ନିକଟରେ ଥିବା ଏମ୍‌ଆର୍ ମୋବାଇଲ ଦୋକାନରୁ ସାମ୍‌ସଙ୍ଗ୍ କମ୍ପାନୀର ଏସ୍୧୦ପ୍ଲସ୍ ମୋବାଇଲ କିଣିଥିଲେ । ମୋବାଇଲ ଟଙ୍କା ବାବଦକୁ ସେ ୨୦ ହଜାର ଟଙ୍କା ୟୁପିଆଇ ପେମେଣ୍ଟ କରିଥିଲେ । ମୋବାଇଲ ବିଲ୍ ପରେ ଆସି ନେବେ ବୋଲି କହି ମୋବାଇଲ ନେଇ ସେ ସେଠାରୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଦୋକାନୀଙ୍କ ଆକାଉଣ୍ଟକୁ ପେମେଣ୍ଟ ନ ଆସିବାରୁ ସେ ଉକ୍ତ ବ୍ୟକ୍ତିଙ୍କୁ ସହର ସାରା ଖୋଜିଥିଲେ ମଧ୍ୟ ପାଇ ନ ଥିଲେ । ବ୍ୟକ୍ତି ଜଣକ ଦେଇଥିବା ଆଧାରକାର୍ଡ ନମ୍ବର ମଧ୍ୟ ନକଲି ବୋଲି ଜଣାପଡ଼ିଥିଲା । ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ଟେର୍ ମିଳି ନ ଥିଲା। ଉକ୍ତ ବ୍ୟକ୍ତି ଜଣକ ସେହିଦିନ ରାତି ପ୍ରାୟ ୯ଟାରେ ରେଳ ଷ୍ଟେଶନ ଛକ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଥିବା କ୍ରିମ୍‌ସନ୍ କ୍ଲବ ଦୋକାନକୁ ଯାଇ ସେଠାରୁ ୧୪୯୯ ଟଙ୍କାର ଦୁଇଟି ଟି-ଶାର୍ଟ ଓ ବରମୁଡ଼ା ପ୍ୟାଣ୍ଟ କିଣିଥିଲେ । ଏହି ବାବଦକୁ ସେ ୟୁପିଆଇ ମାଧ୍ୟମରେ ୬ ହଜାର ଟଙ୍କା ପେମେଣ୍ଟକରି ସେଠାରୁ ଚାଲିଯାଇଥିଲେ । ହେଲେ ଉକ୍ତ ଦୋକାନୀଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିବା ଜାଣିବା ପରେ ଉକ୍ତ ବ୍ୟକ୍ତିଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ପରେ ବ୍ୟକ୍ତି ଜଣକ ନେହେରୁନଗର ଛକ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଥିବା ଏକ ସୁନା ଦୋକାନକୁ ସୁନା କିଣି ୟୁପିଆଇ ପେମେଣ୍ଟ କରିଥିଲେ। ହେଲେ ଟଙ୍କା ପାଇବାର ମେସେଜ ବ୍ୟାଙ୍କରୁ ନ ଆସିବା ପର୍ଯ୍ୟନ୍ତ ସୁନା ଦେବେ ନାହିଁ ବୋଲି ଦୋକାନୀ କହିବାରୁ ସେ ନିରାଶ ହୋଇଥିଲେ। ତାଙ୍କ ପାଖରେ ନଗଦ ଟଙ୍କା ନ ଥିବାରୁ ସେ ସୁନାଦୋକାନୀଙ୍କୁ ୧ ହଜାର ଟଙ୍କା ଫୋନ୍ ପେ କରି ଟଙ୍କା ମାଗିଥିଲେ। ସୁନା ଦୋକାନୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ମେସେଜ ପାଇଲା ପରେ ଦୋକାନୀ ଉକ୍ତ ବ୍ୟକ୍ତିଙ୍କୁ ଟଙ୍କା ଦେଇଥିଲେ। ପରେ ଉକ୍ତ ବ୍ୟକ୍ତି ଜଣକ ସୁନା ଦୋକାନରୁ ବାହାରି ଚାଲିଯାଇଥିଲେ। ବ୍ୟକ୍ତି ଜଣକ ସୁନାଦୋକାନରେ ଥିବା ମୋବାଇଲ ଦୋକାନୀ ଖବରପାଇ ସୁନାଦୋକାନରେ ପହଞ୍ଚି ସମସ୍ତ ଘଟଣା କହିଥିଲେ। ୟୁପିଆଇ ମାଧ୍ୟମରେ ଆସିଥିବା ୧ ହଜାର ଟଙ୍କାର ତଥ୍ୟ ଚେକ୍ କରିବାରେ ମୀନକେତନ ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଟଙ୍କା ଆସିଥିବା ଜଣାପଡ଼ିଥିଲା । ଫଳରେ ବ୍ୟକ୍ତି ଜଣକ ଦେଇଥିବା ଆଧାର କାର୍ଡ ନକଲି ଏବଂ ତାଙ୍କ ନାମ ଦୀପକ ବଦଳରେ ମୀନକେତନ ହୋଇଥାଇପାରେ ବୋଲି ଠକେଇର ଶିକାର ହୋଇଥିବା ୨ ଦୋକାନୀ ପ୍ରକାଶ କରିଛନ୍ତି। ଶେଷରେ ନିରାଶ ହୋଇ ୨ଦୋକାନୀ ଗୁରୁବାର ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି ।

## ବୁଲା ଗୋରୁ ମାଲିକ ଗଣିଲେ ଜରିମାନା

ଜୟପୁର,୧୪।୭(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବୁଲା ଗୋରୁଗାଈ ମାଲିକ ଜରିମାନା ଗଣିଛନ୍ତି। ସେମାନଙ୍କଠାରୁ ପୌରପାଳିକା ଜରିମାନା ଆଦାୟ କରିଛି। ସହରର ରାସ୍ତା ଓ ଜାତୀୟ ରାଜପଥ ଗୋରୁଙ୍କ କବଜାରେ ଦୀର୍ଘଦିନ ହେଲା ରହି ଆସୁଥିଲା। ଏଥିପାଇଁ ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ହେଉଥିଲା। ଏପରିକି ବୁଲା ଗୋରୁଗାଈ ଜାତୀୟ ରାଜପଥ ଉପରେ ଛିଡା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ଦେଖା ଦେଉଥିଲା। ଲୋକଙ୍କ ଅଭିଯୋଗକ୍ରମେ ପୌରପାଳିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋରୁମାଲିକଙ୍କଠାରୁ ଜରିମାନା ଆଦାୟ କରିଛି। ସହରର ୨୬ ନଂ. ଜାତୀୟ ରାଜପଥ, ମୁଖ୍ୟ ରାସ୍ତା, ରଜାନହର ଛକ, ପୁରୁଣା ଉପଖଣ୍ଡ ଚିକିତ୍ସାଳୟ, ପୁରୁଣା ତହସିଲ କାର୍ଯ୍ୟାଳୟ, ୱେଲକମ ଜଙ୍କସନ, ରଜାନହର ଛକରେ ବୁଲା ଗୋରୁଙ୍କ ପାର୍ଦ୍ଦୁଭାବ ଦେଖିବାକୁ ମିଳୁଥିଲା।

## ଗଜଲକ୍ଷ୍ମୀ ପୂଜାମଣ୍ଡପ ନିର୍ମାଣ ନେଇ ଶିଳାନ୍ୟାସ


ବିଧାୟକଙ୍କ ସମେତ ସଂଘର କର୍ମକର୍ତ୍ତା ଶିଳାନ୍ୟାସ କରୁଛନ୍ତି।

ଗୁଣପୁର,୧୪।୭ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସହର ବ୍ଲକ ଅଫିସ ସମ୍ମୁଖରେ ଜାଗୃତି ସାଂସ୍କୃତିକ ସଂଘ ପକ୍ଷରୁ ପ୍ରତିବର୍ଷ ଆୟୋଜନ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜାମଣ୍ଡପ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଗୃତି ସାଂସ୍କୃତିକ ସଂଘର ସଭାପତି ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ରବି ନାରାୟଣ ଶତପଥୀ, ସଂଯୋଜକ ଗୋପାଳକୃଷ୍ଣ ପାଣିଗ୍ରାହୀ, ଉପଦେଷ୍ଟା ଭଗବାନ ନିଶଙ୍କ ଓ ରାଜେନ୍ଦ୍ର ପ୍ରସାଦ ସାହୁକାର, ମୀନକେତନ ପଣ୍ଡା, ଅକ୍ଷୟ କୁମାର ରାଜଗୁରୁ ମହାପାତ୍ର, ଦିଲୀପ କୁମାର ରାଜଗୁରୁ ମହାପାତ୍ର, ଚନ୍ଦନ ଦାସ, ବଳରମାମ ପାଣିଗ୍ରାହୀ, ପ୍ରୋମଦ ପାଣିଗ୍ରାହୀ, ପ୍ରଶାନ୍ତ ଗୌଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଧାୟକ ରଘୁନାଥ ଗମାଙ୍ଗ ତାଙ୍କ ନିଜସ୍ୱ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିବା ପରେ ଶିଳାନ୍ୟାସ କାର୍ଯ୍ୟ ହୋଇଥିଲା।

## କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ କୃଷି କର୍ମଚାରୀ

ଗୁଣପୁର,୧୪।୭ (ପ୍ରଦୀପ କୁମାର ପାଢ଼ୀ)


କର୍ମଚାରୀମାନେ କୃଷି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

ରାୟଗଡା ଜିଲା ଗୁଣପୁର କୃଷି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ମାନେ ଶୁକ୍ରବାର କଳାବ୍ୟାଜ୍ ପରିଧାନକରି ପ୍ରତିବାଦ ଜଣାଇଛନ୍ତି। ସେମାନଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ୨୦ ତାରିଖ ପର୍ଯ୍ୟ କଳାବ୍ୟାଜ୍ ପିନ୍ଧି ପ୍ରତିଦାବ କରିବେ । ଏହି ସମୟ ମଧ୍ୟରେ ସେମାନଙ୍କ ଦାବି ପୂରଣ ନ ହେଲେ ଆସନ୍ତା ୧ ତାରିଖଠାରୁ ସମୂହ ଛୁଟିରେ ଯିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଗ୍ରାମ୍ୟ କୃଷି କର୍ମଚାରୀ ପଦବୀର ନାମ ପରିବର୍ତ୍ତନ କରି କୃଷି ସମ୍ପ୍ରସାରଣ ଅଧିକାରୀ କରିବା, ଗ୍ରେଡ୍ ପେ ୨୦୦୦ରୁ ୪୨୦୦ ଟଙ୍କା ଲାଗୁ କରିବା, କାର୍ଯ୍ୟକାଳ ସମୟରେ ୩ରୁ ୪ ଥର ପଦୋନ୍ନତି, କ୍ୟାଡର ନିୟମର ପୁନର୍ଗଠନ, ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଠିବା ପରେ ୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ୬ ବର୍ଷ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା କରି ୬ ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଏବଂ ପଞ୍ଚାୟତ, ବ୍ଲକସ୍ତରରେ କାର୍ଯ୍ୟାଳୟ ସହ କମ୍ପ୍ୟୁଟର ଓ ମୋବାଇଲ ଚାର୍ଜ ଖର୍ଚ୍ଚ ପ୍ରଦାନ କରିବାକୁ ଦାବି ହୋଇଛି। କୃଷି କର୍ମଚାରୀ ସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ଗୁଣପୁରଠାରେ ପ୍ରତିବାଦ କରାଯାଇଥିବା ଜିଲା ସଭାପତି ଏସ୍.ଶ୍ରୀନିବାସ ରାଓ ସୂଚନା ଦେଇଛନ୍ତି।

# ୬୬ କେଜି ଗଞ୍ଜେଇ ଜବତ, ୩ ଗିରଫ

ମୁନିଗୁଡ଼ା,୧୪।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ରେଳ ଷ୍ଟେଶନ ଅଟୋଷ୍ଟାଣ୍ଡରୁ ପୋଲିସ ୬୬ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ମୋହବା ଥାନା ଅନ୍ତର୍ଗତ କାରାହାରାକାଲା ଗ୍ରାମର ଜିତେନ୍ଦ୍ର କୁମାର(୨୬), ମଧ୍ୟପ୍ରଦେଶର ଯେତପୁର ଥାନା ଅନ୍ତର୍ଗତ ମାଝୋଲି ଗ୍ରାମର ଛୋଟେଲାଲ ବାଇଗା (୨୨) ଓ ଜଣେ ୧୬ ବର୍ଷର ନାବାଳକ । ସେମାନେ କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ଆଣି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଚାଲାଣ ପାଇଁ ଉଦ୍ୟମ କରୁଥିଲେ।

ମୁନିଗୁଡା ଏସଡିପିଓ ଆକାଶ ଚନ୍ଦ୍ର ସାହୁ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ମୁନିଗୁଡା ରେଳବାଇ ପୋଲିସ ଆରପିଏଫ ସହାୟତାରେ ଷ୍ଟେସନ ଅଟୋଷ୍ଟାଣ୍ଡ ନିକଟରେ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି ୭ଟି ବ୍ୟାଗ ଜବତ କରଥିଲେ। ୩ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରିବା ପରେ ସେମାନେ ଗଞ୍ଜେଇ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଚୋରା ଚାଲାଣ କରୁଥିବା ସ୍ୱୀକାର କରିଥିବା ଥାନା ସୂତ୍ରରୁ ଜଣାପଡିଛି । ଗଞ୍ଜେଇ ଗୁଡିକୁ ଓଜନ କରିବା ପରେ ୬୬ କେଜି ୫୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଛି । ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୬ ଲକ୍ଷ ୬୫ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ମୁନିଗୁଡା ପୋଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

# ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ ବୈଠକ

ମୁନିଗୁଡ଼ା,୧୪।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାକକ୍ଷରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ଏବଂ ଆଇନମନ୍ତ୍ରୀ ତଥା ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ଜଗନ୍ନାଥ ସାରକା ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଉନ୍ନତୀକରଣ ଉପରେ ଆଲୋଚନା କରିଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ରୋଗୀ କଲ୍ୟାଣ ସମିତି ସାଧାରଣ ସମ୍ପାଦକ ଡା. ସବ୍ୟସାଚୀ ମହାପାତ୍ର ଏବଂ ବିପିଏମ୍ ତପନ କୁମାର ପଣ୍ଡାଙ୍କ ମିଳିତ ସଂଯୋଜନାରେ ଆୟୋଜିତ ବୈଠକରେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡ୍ରୁକା, ବିଡିଓ ପ୍ରୀତମ କୁମାର ତନ୍ତୀ ଉପସ୍ଥିତ ରହି ସ୍ୱାସ୍ଥ୍ୟକେନ୍ଦ୍ରର ଆଗାମୀ ଯୋଜନା, ସ୍ୱାସ୍ଥ୍ୟସେବା ପ୍ରଦାନରେ ଉପୁଜୁଥିବା ସମସ୍ୟା, ଭିତ୍ତିଭୂମିର ବିକାଶ, ଆବଶ୍ୟକ ଡାକ୍ତର ଓ କର୍ମଚାରୀଙ୍କ ଅଭାବ, ପାନୀୟ ଜଳ ନିମନ୍ତେ ବୃହତ୍ ଯୋଜନା, ବହିର୍ବିଭାଗ ସମସ୍ୟା, ବ୍ଲଡ୍ ବ୍ୟାଙ୍କ ସ୍ଥାପନା,ଏକ୍ସ-ରେ ମେଶିନ ଟେକ୍ନିସିଆନ ଅଭାବ, ମେଡିକାଲ ଆବର୍ଜନା ପରିଚାଳନା, ଆବଶ୍ୟକ ଆସବାବପତ୍ର ଉପକରଣ, ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡ଼ିର ପରିଚାଳନା, ଡ୍ରାଇଭର ଅଭାବ ପୂରଣ ଉପରେ ଆଲୋଚନା କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ୫ ଲକ୍ଷ ୭ ହଜାର ୩୫୧ ଟଙ୍କା ବ୍ୟୟ ହୋଇଥିବା ଓ ୨୦୨୩-୨୪ ଆର୍ଥିକ ବର୍ଷର ଉନ୍ନୟନ ପାଇଁ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ଅନୁମୋଦନ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ତପନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ଉନ୍ନୟନର ସମ୍ପୂର୍ଣ୍ଣ ଚିତ୍ର ସର୍ବ ସମ୍ମୁଖରେ ଉପସ୍ଥାପିତ କରିଥିଲେ। ବ୍ଲକ ତରଫରୁ ଯଥାସମ୍ଭବ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ବିଡିଓ ତନ୍ତୀ କହିଥିଲେ। ଶେଷରେ ମନ୍ତ୍ରୀ ସାରକା ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟଶୈଳୀ ଉପରେ ସନ୍ତୋଷବ୍ୟକ୍ତ କରିବା ସହ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଡାକ୍ତର ଶୁଚିସ୍ମିତା ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ଗମାଙ୍ଗ, ପି.ମୁସ୍ତାଫା ରାଓ, ସିଡିପିଓ ଡାଳିମ୍ବ ନାୟକ, ସ୍ୱାସ୍ଥ୍ୟ ସୁପରଭାଇଜର ସୌଦାମିନୀ ମଲ୍ଲିକ, ଏବିଓ ସୁବାସ ସିଂ, ଗ୍ରାମୀଣ ଜଳ ଯୋଗାଣ ଯନ୍ତ୍ରୀ ରମେଶ ମିଞ୍ଜ, ଜନନେତା ଜ୍ୟୋତିପ୍ରସାଦ ସାହୁ, ବୃନ୍ଦାବନ ପାଢ଼ୀ, ରମେଶ କନ୍ଧପାଣି ଆଲୋଚନାରେ ଅଂଶଗ୍ରହଣକରି ବିଭିନ୍ନ ପ୍ରସ୍ତାବ ରଖିଥିଲେ।


ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟମାନେ ।

# ଶଯ୍ୟା ଅଭାବ, ତଳେ ଚାଲିଛି ରୋଗୀ ଚିକିତ୍ସା

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା
- ମେଡିସିନ ୱାର୍ଡରେ ୩୭ ବେଡ୍, ରୋଗୀ ଅଛନ୍ତି ୮୦

ରାୟଗଡ଼ା,୧୪।୭ (ଭାଗ୍ୟଶ୍ରୀ ମିଶ୍ର)


ବାରଣ୍ଡାରେ ତଳେ ଶୋଇ ଚିକିତ୍ସା ହେଉଛନ୍ତି ରୋଗୀ।

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଲାଗି ରହିଛି । ଜିଲାର ୧୧ଟି ବ୍ଲକର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାବେଳେ ବେଡ୍ ଅଭାବରୁ ରୋଗୀମାନେ ବାରଣ୍ଡାରେ ତଳେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଏବେ ବର୍ଷାଋତୁ ହୋଇଥିବାରୁ ସଂକ୍ରାମକ ରୋଗ ସହ ମ୍ୟାଲେରିଆ, ଟାଇଫଏଡ୍, କିଡ୍‌ନୀ ସମସ୍ୟା ଭଳି ଅନେକ ଗୁରୁତର ରୋଗୀଙ୍କୁ ଚିକିତ୍ସା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ରେଫର କରାଯାଇଥାଏ। ବିଶେଷକରି ମେଡିସିନ ୱାର୍ଡରେ ୩୭ ଶଯ୍ୟା ରହିଥିବା ବେଳେ ପ୍ରତିଦିନ ଏହି ୱାର୍ଡରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସିଥାନ୍ତି । ଏହି ୱାର୍ଡ ପାଇଁ ଅଧିକ ଶଯ୍ୟା ଆବଶ୍ୟକ ଥିବାବେଳେ ମାତ୍ର ୩୭ ଶଯ୍ୟା ଯୋଗୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଜଗନ୍ନାଥପୁର ଗ୍ରାମର ଜଣେ ରୋଗୀଙ୍କ ସମ୍ପର୍କୀୟ ଆମନା ବିଡ଼ିକା କହିଛନ୍ତି, ଗତ ୩ ଦିନ ହେବ ତାଙ୍କ ସ୍ୱାମୀଙ୍କୁ ଜ୍ୱର ହେଉଥିବାରୁ ତାଙ୍କୁ ଆଣି ସେ ମେଡିକାଲ ଆସିଛନ୍ତି। ହେଲେ ଏଠାରେ ବେଡ୍ ନ ମିଳିବାରୁ ବାରଣ୍ଡାରେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ଘରୋଇ ଚିକିତ୍ସାକେନ୍ଦ୍ରକୁ ଯିବାକୁ ସକ୍ଷମ ନୁହେଁ, ତେଣୁ ବାଧହୋଇ ଏଠାରେ ରହିଛୁ ବୋଲି କହିବା ସହ ବେଡ୍ ଯୋଗାଇଦେବା ପାଇଁ ଆମନା ନିବେଦନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସା କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ ବିପିନ ଗୌଡ଼ କହିଛନ୍ତି, ତାଙ୍କ ସ୍ତ୍ରୀର ଛାତିରେ ଯନ୍ତ୍ରଣା ହେବାରୁ ଗତ ୩ ଦିନ ହେଲା ସେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ହୋଇଥିଲେ ମଧ୍ୟ ଗୁରୁତର ରୋଗୀଙ୍କୁ ତଳେ ରହିବାକୁ ପଡୁଛି। ବାରଣ୍ଡାରେ ମଶାମାଛି ଯୋଗୁ ରୋଗୀଙ୍କ ସହ ସମ୍ପର୍କୀୟଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବିପିନ କହିଛନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ଏବେ ଋତୁ ପରିବର୍ତ୍ତନ ହୋଇଥିବାରୁ ଅଧିକ ସଂଖ୍ୟକ ରୋଗୀ ଆସୁଛନ୍ତି । ମେଡିକାଲରେ ଶଯ୍ୟା ବୃଦ୍ଧି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ମେଡିକାଲରେ ୨୦ଟି ମ୍ୟାଟ୍ରେସ ଅଛି, ଅଧିକ ରଖିବାକୁ ମଧ୍ୟ ଜାଗା ନ ଥିବାରୁ ବାଧହୋଇ ରୋଗୀଙ୍କୁ ତଳେ ଚିକିତ୍ସା କରାଯାଉଥିବା ଡା. ରାଉତରାୟ କହିଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ର ଗଠନରେ ମାତୃ ଭାରତୀ ଭୂମିକା ନେଇ ଆଲୋଚନା

ଜୟପୁର, ୧୪।୭(ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଜୟପୁର ଅରବିନ୍ଦନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କ ମା'ଙ୍କୁ ନେଇ ମାତୃ ଭାରତୀ ଗଠନ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ମାତୃ ଭାରତୀର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସୁଜାତା ସାହୁ, ଅନୁପମା ମହାପାତ୍ର ଏବଂ ବବିତା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୩ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୪।୭ (ପବନ ପାଣିଗ୍ରାହୀ)-୩ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁଜାରିପୁଟର ନରସିଂହ ପାଣ୍ଡି, ଖଣ୍ଡିଆଗୁଡାର ରଘୁ ଖାତି ଓ କୁମୁଲିପୁଟ ହରି ଗୌଡ । ଏମାନଙ୍କ ନାମରେ ଦୀର୍ଘଦିନ ହେଲା ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେମାନେ ଫେରାର ଥିଲେ। ଶୁକ୍ରବାର ସେମାନଙ୍କ ସମ୍ପର୍କରେ ସୂଚନା ପାଇ ପୋଲିସ ଗିରଫ କରିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଜଗନ୍ନାଥ ମନ୍ଦିର ନିର୍ମାଣ ନେଇ କମିଟି ଗଠନ

ମାଲକାନଗିରି,୧୪।୭(ନୃସିଂହ ଚରଣ ମହାନ୍ତି)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରଠାରେ ଥିବା ଏକ ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି କୋରୁକୋଣ୍ଡା ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ନେଇ ସତ୍ୟ ପାଣିଗ୍ରାହୀଙ୍କ ସଭାପତିତ୍ୟରେ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲାର ପ୍ରତେକ ବ୍ଲକରେ ଜଗନ୍ନାଥ ମନ୍ଦିର ଥିବା ବେଳେ କୋରୁକୋଣ୍ଡାରେ ଦୀର୍ଘ ୧୫ବର୍ଷ ହେଲା ଅର୍ଦ୍ଧନିର୍ମିତ ଭାବେ ଜଗନ୍ନାଥ ମନ୍ଦିର ରହିଛି। ଏହାକୁ ସଂପୂର୍ଣ୍ଣ କରିବାକୁ ଏହି ଅବସରରେ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଉକ୍ତ ମନ୍ଦିର ନିର୍ମାଣରେ ସମସ୍ତଙ୍କ ସହଯୋଗ ରହିବ ବୋଲି ଉପସ୍ଥିତ ଶ୍ରଦ୍ଧାଳୁମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ନିମନ୍ତେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ସତ୍ୟ ପାଣିଗ୍ରାହୀଙ୍କୁ ଏହି କମିଟିର ସଭାପତି,ଉପସଭାପତି କୈଳାସ ଦୋରା, ମନ୍ଦିର ସମ୍ପାଦକ କିଶୋର ଚରଣ ମହାନ୍ତି, ସହ ସମ୍ପାଦକ କୃଷ୍ଣକାନ୍ତ ମଲିକ, କୋଷାଧ୍ୟକ୍ଷ ଭାବେ ନୀଳମଣି ପ୍ରଧାନ ଚୟନ ହୋଇଛନ୍ତି। ଅସ୍ଥାୟୀ କମିଟିର ଉପଦେଷ୍ଟା ଭାବେ ଶଶୀଭୂଷଣ ମିଶ୍ର,ବଳରାମ ନାୟକ,ବିଦ୍ୟାଧର ପ୍ରଧାନଙ୍କୁ ଚୟନ କରାଯାଇଛି। ଆଇନ ପରାମର୍ଶଦାତା ଭାବେ ନୃସିହଂ ଚରଣ ମହାନ୍ତି ଓ ହୃଷୀକେଶ ପଣ୍ଡା ଅଛନ୍ତି। ବୈଠକରେ କୋରୁକୋଣ୍ଡା ବ୍ଲକ ଅଧକ୍ଷ ଜିତୁ ବୁରୁଡି, ତ୍ରିଲୋଚନ ଚୌଧୁରୀ, ମାଧବ ସାବତ, ଅଶୋକ ପରିଡା, ଟୁଟୁ ଚୌଧୁରୀ, ରଘୁ ନାଥ ମିସ୍ତ୍ରି, ମଦନ ରଥ, କୈଳାସ ଚେଟି, ଲାଲ ମୋହନ ରାଉତରାୟ, କୈଳାସ ଧାକଡ, ସନାତନ ମହାରଣା, ଦିବ୍ୟସିଂହ ମଙ୍ଗରାଜ, ଧନୁର୍ଜୟ ପୂଜାରୀ, ଟୁକୁଣା ମହାରଣା, ନରେଶ ଦାସ,ରାମ ଚନ୍ଦ୍ର ମାଳୀ,ରଘୁନାଥ ନାରାୟଣ,ପାଲା ମଡକାମୀ,ରାମ ଭୂମିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ

ହିଂଜିଳିକାଟୁ, ୧୪।୭(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲ୍ଲା ହଞ୍ଜିଳିକାଟୁ ଷ୍ଟେଟ ବ୍ୟାଙ୍କର ଜଣେ ଗ୍ରାହକଙ୍କ ସଞ୍ଚୟ ଖାତାରୁ ତାଙ୍କର ଅଜାଣତରେ ଏଟିଏମ, ଇ ବ୍ୟାଙ୍କିଂ ଓ ୟୁପିଆଇ ଟ୍ରାନସଫର ମାଧମରେ ଟଙ୍କା ହଡ଼ପ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ହଡ଼ପର ଶିକାର ହୋଇଛନ୍ତି ମକରଝୋଲ ଗ୍ରାମର କସ୍ତୁରୀ ନାଇକ। ଖାତାଧାରୀ ମହିଳା ଜଣେ ନିରକ୍ଷର ଓ ଆଙ୍ଗୁଠି ଛାପ କରି କାରବାର କରନ୍ତି। ସରକାରୀ ଆର୍ଥିକ ସହାୟତା ସହ କେରଳରେ କାମ କରୁଥିବା ପୁଅ ଓ ବିଶାଖାପାଟଣାରେ କାମ କରୁଥିବା ଭାଇ ଉକ୍ତ ଆକାଉଣ୍ଟକୁ ନିୟମିତ ଟଙ୍କା ପଠାନ୍ତି। ଅନ୍ୟପକ୍ଷରେ ଏଟିଏମ କାର୍ଡ଼, ଇ ବ୍ୟାଙ୍କିଂ ଇତ୍ୟାଦି ନିମନ୍ତେ ସେ ଆବେଦନ କରିନଥିବା ଅଭିଯୋଗରେ ଦର୍ଶାଇଛନ୍ତି।

# କେନାଲ ପାଣିକୁ ନା, ନଳକୂପ ପାଣିକୁ ହଁ

- ଜଳବାହିତ ରୋଗର ମୁକାବିଲା ନେଇ ବୈଠକ
- ୧ ଓ ୧୬ ତାରିଖରେ ପଞ୍ଚାୟତ ନୋଡ଼ାଲ ଅଧିକାରୀଙ୍କୁ ନେଇ ବୈଠକ ହେବ
- ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ

ଜୟପୁର, ୧୪।୭ (ପବନ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବର୍ଷା ଦିନେ ଜଳବାହିତ ରୋଗର ମୁକାବିଲା ନେଇ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି । ବ୍ଲକ ସଭାଗୃହରେ ହୋଇଥିବା ବୈଠକରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ ନିଶା, ଅତିରିକ୍ତ ତହସିଲଦାର, ମେଡିକାଲ ଅଫିସର, ଶିକ୍ଷା ବିଭାଗ, ଆଇଟିଡିଏ ସହ ବିଭିନ୍ନ ଲାଇନ ଡିପାଟମେଣ୍ଟ ଅଧିକାରୀ, ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ବର୍ଷା ସମୟରେ ବିଭିନ୍ନ ରୋଗର ମୁକାବିଲା ନେଇ ବୈଠକରେ ଆଲୋଚନା ହୋଇଥିଲା। ବର୍ଷା ପାଇଁ ୧ ତାରିଖ ଓ ୧୬ ତାରିଖରେ ପଞ୍ଚାୟତ ସ୍ତରରେ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ନେଇ ନୋଡାଲ ବୈଠକ କରିବାକୁ ନିଷ୍ପତ୍ତି ହୋଇଛି। ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ଜଳବାହିତ ରୋଗର ମୁକାବିଲା ପାଇଁ କେନାଲ ଓ କୁଅ ପାଣି ବ୍ୟବହାର ନ କରି ନଳକୂପ ପାଣି ବ୍ୟବହାର କରିବାକୁ ପରାମର୍ଶ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଗାଁ କଲ୍ୟାଣ ସମିତି ଗାଁ ଗାଁ ବୋଲି ଲୋକଙ୍କୁ ସଚେତନ କରବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ମେଧାବୀ ଆଦିବାସୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା

କୋରାପୁଟ,୧୪।୭(ଅବିତାଭ ବେହେରା)

ଉଚ୍ଚ ଶିକ୍ଷା ନିମନ୍ତେ କୋରାପୁଟ ଜିଲାର ମେଧାବୀ ଆଦିବାସୀ ବିଦ୍ୟାର୍ଥୀ ପାତ୍ର କିରର୍ସାନୀଙ୍କୁ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଶୁକ୍ରବାର ୧ ଲକ୍ଷ ୫ ହଜାର ୧୯୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକର ଖୁର୍ଜୀ ପଞ୍ଚାୟତ ସେମଳା ଗ୍ରାମର ମେଧାବୀ ଆଦିବାସୀ ବିଦ୍ୟାର୍ଥୀ ପାତ୍ର କିରର୍ସାନୀଙ୍କୁ କର୍ନାଟକର ସୁରତକଲରେ ଏମ୍‌ସିଏ ପଢିବା ଓ ହଷ୍ଟେଲରେ ରହିବା ପାଇଁ ଏହି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଚନ୍ଦ୍ରଶେଖର ମାଝିଙ୍କ ଅଧକ୍ଷତାରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ୀ, ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଝିନ ହିକ୍‌କା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ଉର୍ମିଳା ମୁଦୁଲି, ସୁନାବେଡା ପୌରାଧକ୍ଷା ରାଜେନ୍ଦ୍ର ପାତ୍ର, ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଏବଂ ରାଜେନ୍ଦ୍ର ମାଝି, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାପତି ପାର୍ବତୀ ମଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ପାତ୍ର କିରର୍ସାନୀ ଓ ତାଙ୍କ ମା ମୋତି କିରର୍ସାନୀ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ଆର୍ଥିକ ସହାୟତା ଗ୍ରହଣ କରିଛନ୍ତି। ଏହି ଅବସରରେ ପାତ୍ର କିରର୍ସାନୀ ଉଭୟ ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ସେଠାରେ ଭଲ ପଢି ଜିଲାର ନାମ ରଖିବେ ବୋଲି ସେ କହିଛନ୍ତି। ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟକ୍ରମ ସଂଯୋଜକ କାଶି ପ୍ରସାଦ ନାୟକ ଏହାକୁ ପରିଚାଳନା କରିଥିଲେ। ପ୍ରକାଶ ଯେ ପାତ୍ର କିର୍ସାନୀଙ୍କ ବାପା ଡମ୍ବରୁଙ୍କର ଦେହାନ୍ତ ହୋଇଯାଇଛି। ସେ ତାଙ୍କର ଏକମାତ୍ର ସନ୍ତାନ।



ପାତ୍ର ଓ ତାଙ୍କ ମା' ଅତିଥିଙ୍କଠାରୁ ଚେକ୍ ଗ୍ରହଣ କରୁଛନ୍ତି।

# କୋରାପୁଟ ଜିଲାରେ ଏସ୍‌ଡିପିଓ ସ୍ତରରେ ଅଦଳବଦଳ

କୋରାପୁଟ,୧୪।୭(ଅମିତାଭ ବେହେରା)

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ଏସ୍‌ଡିପିଓ ସ୍ତରରେ ଅଦଳବଦଳ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଏସ୍‌ଡିପିଓ ମାନଙ୍କୁ ଅଦଳବଦଳ କରାଯାଇଛି । ସେଥିରୁ କୋରାପୁଟ ଜିଲା ସଦର ମହକୁମାରେ ଥିବା ଏସଡିପିଓ ମନୋଜ କୁମାର ପୂଜାରୀଙ୍କୁ ଭୁବେନେଶ୍ୱରସ୍ଥିତ ଏସ୍‌ଓଜିକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଗଞ୍ଜାମ ଜିଲାରେ ଥିବା ଶ୍ରାବଣୀ ନାୟକଙ୍କୁ କୋରାପୁଟ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିପରି ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱନୀ ନାୟକଙ୍କୁ ଆର. ଉଦୟଗିରିର ଏସଡିପିଓ ଭାବେ ବଦଳି କରାଯାଇଥିବା ଜଣାପଡିଛି। ତାଙ୍କ ସ୍ଥାନରେ କେନ୍ଦ୍ରପଡା ଜିଲାରେ କାର୍ଯ୍ୟ କରୁଥିବା ବିରଞ୍ଚି ନାରାୟଣ ଜଗତଙ୍କୁ ଲକ୍ଷ୍ମୀପୁର ଏସଡିପିଓ ଭାବେ ବଦଳି କରାଯାଇଛି । ସେହିପରି କୋରାପୁଟ ପୋଲିସ ମୁଖ୍ୟାଳୟରେ ଥିବା ସଞ୍ଜୟ ମଣ୍ଡଳଙ୍କୁ ନନ୍ଦପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ସେହିପରି ଆର ଉଦୟଗିରିର ଏସ୍‌ଡିପିଓ ଦିଲିପ ନାୟକଙ୍କୁ କୋରାପୁଟ ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି। କୋରାପୁଟ ପୋଲିସ ମୁଖ୍ୟାଳୟରେ ଥିବା ଗୌରହରି ସାହୁଙ୍କୁ ଛତ୍ରପୁର ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। କୋରାପୁଟ ପୋଲିସ ମୁଖ୍ୟାଳୟର କପିଳେଶ୍ୱର ବେହେରାଙ୍କୁ ବୌଦ୍ଧ ଡିଆଇବିକୁ ବଦଳି ହୋଇଛି । କୋରାପୁଟ ଡିଆଇଜିରେ ଥିବା ଅଳକାନନ୍ଦ ସାହୁଙ୍କୁ କଳାହାଣ୍ଡି ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି ପୂର୍ବରୁ ବୋରିଗୁମ୍ମା ଏସଡିପିଓ ଥିବା ମଧୁସ୍ମିତା ମିଶ୍ରଙ୍କୁ ଉମରକୋଟ ଏସଡିପିଓଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ନବରଙ୍ଗପୁର ଜିଲା ଉମରକୋଟର ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିବା ଶୁଭେନ୍ଦୁ କୁମାର ଶବରଙ୍କୁ କୋରାପୁଟ ଜିଲାର ବୋରିଗୁମ୍ମା ଏସ୍‌ଡିପିଓ ଭାବେ ବଦଳି କରାଯାଇଛି

# ବୁଲା ଗୋରୁ ମାଲିକ ଗଣିଲେ ଜରିମାନା

ଜୟପୁର,୧୪।୭(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବୁଲା ଗୋରୁଗାଈ ମାଲିକ ଜରିମାନା ଗଣିଛନ୍ତି। ସେମାନଙ୍କଠାରୁ ପୌରପାଳିକା ଜରିମାନା ଆଦାୟ କରିଛି। ସହରର ରାସ୍ତା ଓ ଜାତୀୟ ରାଜପଥ ଗୋରୁଙ୍କ କବଜାରେ ଦୀର୍ଘଦିନ ହେଲା ରହି ଆସୁଥିଲା। ଏଥିପାଇଁ ବିଭିନ୍ନ ସମୟରେ ଜାତୀୟ ରାଜପଥରେ ଦୁର୍ଘଟଣାମାନ ଘଟି ଧନଜୀବନ ହାନି ହେଉଥିଲା। ଏପରିକି ବୁଲା ଗୋରୁଗାଈ ଜାତୀୟ ରାଜପଥ ଉପରେ ଛିଡା ହୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ଦେଖା ଦେଉଥିଲା। ଲୋକଙ୍କ ଅଭିଯୋଗକ୍ରମେ ପୌରପାଳିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋରୁମାଲିକଙ୍କଠାରୁ ଜରିମାନା ଆଦାୟ କରିଛି। ସହରର ୨୬ ନଂ. ଜାତୀୟ ରାଜପଥ, ମୁଖ୍ୟ ରାସ୍ତା, ରଜାନହର ଛକ, ପୁରୁଣା ଉପଖଣ୍ଡ ଚିକିତ୍ସାଳୟ, ପୁରୁଣା ତହସିଲ କାର୍ଯ୍ୟାଳୟ, ୱେଲକମ ଜଙ୍କସନ, ରଜାନହର ଛକରେ ବୁଲା ଗୋରୁଙ୍କ ପାର୍ଦୁଭାବ ଦେଖିବାକୁ ମିଳୁଥିଲା।

# ଗଛରେ ପିଟିହୋଇ ବାଇକ ଚାଳକଙ୍କ ମୃତ୍ୟୁ

ଜୟପୁର,୧୪।୭(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଡଙ୍ଗରପାଉଛି ନିକଟ ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଫାମ୍ପୁଣିର ସୁବ୍ରତ ପ୍ରଧାନ। ସେ ଗ୍ରୀଡ୍‌କୋରେ ସିକ୍ୟୁରିଟି ଗାର୍ଡ କାମ କରୁଥିଲେ। ସୂଚନାନୁଯାୟୀ ଶୁକ୍ରବାର ସକାଳୁ ପ୍ରାତଃ ଭ୍ରମଣରେ ଯାଉଥିବା କେତେଜଣ ଲୋକ ଗୁରୁତର ଅବସ୍ଥାରେ ଜଣେ ବ୍ୟକ୍ତି ପଡ଼ିଥିବା ଦେଖିଥିଲେ। ସେମାନେ ତୁରନ୍ତ ଆମ୍ବୁଲାନ୍ସ ଡକାଇ ନିକଟସ୍ଥ କୁନ୍ଦୁରା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ସୁବ୍ରତ ଗୁରୁବାର ରାତିରେ ବାଇକରେ ଫାମ୍ପୁଣି ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ରାତି ଅଧିକ ହୋଇଯାଇଥିବାରୁ ଘଟଣା ସମ୍ପର୍କରେ କେହି ଜାଣିପାରି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ମାଲକାନଗିରିରୁ ବିଶାଖାପାଟଣାକୁ ଶୀତତାପ ନିୟନ୍ତ୍ରିତ ବସ୍

ମାଲକାନଗିରି,୧୪।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରୁ ବହୁ ରୋଗୀ ଚିକିତ୍ସା ଲାଗି ବିଶାଖାପାଟଣା ଓ ବ୍ୟବସାୟ ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିଥାନ୍ତି। ପୂର୍ବରୁ ବିଶାଖାପାଟଣାକୁ ଓଡ଼ିଶା ରାଜ୍ୟ ପରିବହନ ବିଭାଗର ଏକ ପୁରୁଣା ବସ୍ ଚଳାଚଳ କରୁଥିଲା। ଏହି ବସ୍‌ରେ ଯାତ୍ରୀମାନେ ବସିବା, ବର୍ଷାଦିନେ ଗାଡିରୁ ପାଣି ଗଳିବା, ବସର ସିଟ୍ ଠିକ୍ ନ ଥିବା, ଅନେକ ସମୟରେ ରାସ୍ତାରେ ଯାନ୍ତ୍ରିକତ୍ରୁଟି ଯୋଗୁ ବସ୍‌ଟି ଅଟକି ରହୁଥିଲା। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଏହି ରୁଟ୍‌ରେ ଏକ ଶୀତତାପ ନିୟନ୍ତ୍ରିତ ନୂତନ ବସ୍ ଚଳାଚଳ ପାଇଁ ମାଲକାନଗିରି ଜିଲାବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଶୁକ୍ରବାର ଏହି ରୁଟ୍‌ରେ ଏକ ନୂତନ ବସ୍ ଚଳାଚଳ ଆରମ୍ଭ ହୋଇଛି। ଏହି ବସ୍ ଏମ୍‌ଭି-୭୯ଠାରୁ ବିଶାଖାପାଟଣାକୁ ଅପରାହ୍ନ ୬ଟାରେ ବାହାରିବ। ମାଲକାନଗିରିରୁ ସାଢେ ୭ଟାରେ ବାହାରିବ। ସେହିପରି ବିଶାଖାପାଟଣାରୁ ସନ୍ଧ୍ୟା ସାଢେ ୮ଟାରେ ବାହାରି ମାଲକାନଗିରି ଅଭିମୁଖେ ଆସିବ ବୋଲି ମାଲକାନଗିରି ଓଏସ୍‌ଆରଟିସିର ଡିଟିଏମ୍ ଓରାଶ୍ରୀ ସାହୁ କହିଛନ୍ତି।



ଉଦ୍‌ଘାଟିତ ହୋଇଥିବା ନୂତନ ବସ୍ ।

# ସ୍ୱାର୍ଥ ମନୋଭାବ ଛାଡ଼ି ଦଳ ପାଇଁ କାମ କରିବାକୁ ପରାମର୍ଶ


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଜେଡ଼ି ନେତା ଓ କର୍ମୀମାନେ।

**ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ**

ଦଶମନ୍ତପୁର, ୧୪।୭ ( ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ପାଇକ ଫୁଲବେଡ଼ା ସଦର ପଞ୍ଚାୟତ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରାଯାଇଛି। ବିଜେଡି ନେତା ଗଙ୍ଗାଧର ଖୋସଲାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁଳଦୀପ, ସରପଞ୍ଚ ମହେଶ୍ୱର ଗାଦବା, ଗଙ୍ଗା ଖୁରା, ଉଦେନାଥ ବାଘ, ଭୀମ ବାଘ, ଦିନୁ ବାଘ, ପିଲିମନ ବାଘଙ୍କ ସମ୍ମାନିତ ଅତଥିଭାବେ ଯୋଗଦେଇଥିଲେ। ଏଥିରେ ୧୬ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିପୁଳ ମାତ୍ରାରେ ବିଜୟ ହାସଲ କରି ଦଳର ଟେକ ରଖିବାକୁ ଆଲୋଚନା କରାଯାଇଛି। ଗ୍ରାମାଞ୍ଚଳ ଲୋକଙ୍କ ପାଖକୁ ଯାଇ ତାଙ୍କ ସମସ୍ୟା ବୁଝି ତାହାର ସମାଧାନ ଦିଗରେ କାର୍ଯ୍ୟ କରିବା ଓ ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ମୀପୁର ବିଧାୟକ ଦଳୀୟ ନେତା ଓ କର୍ମୀଙ୍କୁ ଅନୁରୋଧ କରିଛନ୍ତି। ସ୍ୱାର୍ଥ ମନୋଭାବ ପରିତ୍ୟାଗ କରି ଦଳପାଇଁ ଏକାଠି କାମ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି।

# ମୋ ଘର ଯୋଜନାର ପ୍ରଥମ କିସ୍ତି ବଣ୍ଟନ

ନବରଙ୍ଗପୁର,୧୪।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ମୋ ଘର ଯୋଜନା ଶୁଭାରମ୍ଭ ଶୁକ୍ରବାର କରାଯାଇଛି। ହିତାଧିକାରୀଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରାଯାଇ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଜିଲା ପରିଷଦ ସଭା ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବ୍ଲକ ସାନମସିଗା ଓ ତାରା ଗ୍ରାମର ଦୁର୍ଲଭ ମାଝି, ପରମେଶ୍ୱର ବିଷୋୟୀ, ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ଗ୍ରାମର ଧନୁର୍ଜୟ ଗୌଡ଼ଙ୍କୁ ଜିଲାପାଳ ଡ କମଳ ଲୋଚନ ମିଶ୍ର ଚେକ୍ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପରିଷଦ ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ନବରଙ୍ଗପୁର ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ସାହୁ, ବ୍ୟାଙ୍କ ପରିଚାଳକ ସୁନୀଲ ଜାମୁଡା, ନବରଙ୍ଗପୁର ରଜତ କୁମାର ପାତ୍ର ଉପସ୍ଥିତ ଥିଲେ।

# କାଦୁଅମୟ କଉଡ଼ିଖାଲ ଭୂତଳ ରାସ୍ତା

ନନ୍ଦପୁର, ୧୪।୭(ଶଙ୍କର ପୂଜାରୀ)

ବର୍ଷା ଦିନ ପ୍ରାରମ୍ଭରେ ଚାଟୁଆ


କର୍ଦ୍ଦମାକ୍ତ ରାସ୍ତା।

ପଞ୍ଚାୟତର କଉଡ଼ିଖାଲ ଗ୍ରାମବାସୀଙ୍କ ପାଇଁ ଯାତାୟାତ କଷ୍ଟକର ହୋଇଛି। ରେଳ ଧାରଣା ପାର ହୋଇ ଗାଁକୁ ଯିବାକୁ ଥିବା ରେଲୱେ ଭୂତଳ ରାସ୍ତା କାଦୁଅମୟ ହୋଇଛି। ସେତୁର ତଳ ଭାଗରେ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଓ ମାଟି ଆସି ଭୂତଳ ସେତୁରେ ଜମା ହେଉଛି। ଫଳତଃ ପାଦରେ ଚାଲି ଯିବା ସହ ଗାଡ଼ି ମୋଟର ନେବା ପାଇଁ ଅସୁବିଧା ହେଉଛି। ବର୍ଷା ଦିନ ଆସିବା ମାତ୍ରେ ଏଭଳି ସମସ୍ୟା ଲାଗି ରହୁଛି। ଭୂତଳ ସେତୁ ନିର୍ମାଣ କରିଥିବା ରେଳ ବିଭାଗ ସମେତ ରାସ୍ତା ନିର୍ମାଣ କରିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ କଉଡ଼ିଖାଲ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଗ୍ରାମବାସୀ ପାଲଟୁଛନ୍ତି ଚିକିତ୍ସକ, ଗୃହପାଳିତ ପ୍ରାଣୀଙ୍କ ନିଜେ କରୁଛନ୍ତି ଚିକିତ୍ସା

ପୋଟେରୁ, ୧୪।୭(ସୌରଭ ମଣ୍ଡଳ)

ମାଲକାନଗିରି ଜିଲାର ବିଭିନ୍ନ ବ୍ଲକରେ ପ୍ରାଣୀଧନ ଚିକିତ୍ସକ ଅଭାବ ଲାଗି ରହିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନରେ ଲୋକମାନେ ନିଜ ରୋଗାକ୍ରାନ୍ତ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା କରୁଥିବା ଦେଖିବାକୁ ମିଳୁଛି। କାଲିମେଲା ବ୍ଲକର ଚିତ୍ରାଙ୍ଗପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି-୧୧୮ ଗ୍ରାମରେ ଗ୍ରାମବାସୀ ନିଜେ ନିଜ ଗୃହପାଳିତ ପ୍ରାଣୀର ଚିକିତ୍ସା କରୁଥିବା ଜଣାପଡିଛି। ଗ୍ରାମର ଜୟଦେବ ମଣ୍ଡଳ ନିଜ


ଗ୍ରାମବାସୀ ଗୋରୁର ଚିକିତ୍ସା କରୁଛନ୍ତି ।

ଘରେ ପାଳିଥିବା ଗାଈର କ୍ଷତ ହୋଇଥିବା ଗୋଡକୁ ସଫା କରି ଔଷଧ ଲଗାଇ ନିଜେ ଚିକିତ୍ସା କରୁଛନ୍ତି ବୋଲି କହିଛନ୍ତି। ଏ ନେଇ ଜିଲା ପ୍ରାଣୀଧନ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ପ୍ରାଣୀଧନ ବିଭାଗରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଏଲଆଇଙ୍କ ଟ୍ରେନିଂ ସରିବା ପରେ ଆବଶ୍ୟକ କର୍ମଚାରୀ ମିଳିବ ବୋଲି ସେ କହିଛନ୍ତି। ଗ୍ରାମାଞ୍ଚଳରେ ଲୋକେ ନିଜେ ପ୍ରାଣୀଧନ ଡାକ୍ତର ପାଲଟିଥିବା ଥିବା ବେଳେ ଜିଲା ପ୍ରାଣୀଧନ ଅଧିକାରୀଙ୍କ ଏଭଳି ମନ୍ତବ୍ୟ ସାଧାରଣରେ ଆଲୋଚନାର ବିଷୟ ହୋଇଛି। କାଲିମେଲା ଗୋଷ୍ଠୀ ପ୍ରାଣୀଧନ କାର୍ଯ୍ୟାଳୟକୁ ତୁରନ୍ତ ଆବଶ୍ୟକୀୟ କର୍ମଚାରୀ ଯୋଗାଇ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

## ସଂକ୍ଷେପରେ

### ଖଇରପୁଟରେ ବିଜେଡିର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ



ଖଇରପୁଟ,୧୪।୭(ଜଗନ୍ନାଥ ମାଝୀ)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଖଇରପୁଟଠାରେ ବଜେଡିର ଏକ ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଇରପୁଟ ବ୍ଲକ ସଭାପତି ସାଧୁ ହାନ୍ତାଳଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟବେକ୍ଷକ ସତ୍ୟ ପାଣିଗ୍ରାହୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ କିପରି ଲୋକଙ୍କୁ ଅବଗତ କରାଯିବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କିପରି ରାଜ୍ୟ ସରକାରଙ୍କ ମିଶନ ଶକ୍ତିରେ ଆତ୍ମନିର୍ଭରଶୀଳ ହୋଇ ପାରିବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆଗାମୀ ଦିନରେ ଯେପରି ବିଜୁ ଜନତା ଦଳ ବ୍ଲକ ଏବଂ ନିର୍ବାଚନ ମଣ୍ଡଳୀରେ ଆହୁରି ଭଲ ପଦର୍ଶନ କରିବ ସେନେଇ କର୍ମୀମାନେ ଏହି ଅବସରରେ ଶପଥପାଠ କରିଥିଲେ। ବୈଠକରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି,ଜିଲା ପରିଷଦ ସଭ୍ୟ ବଳି ମଝି ଓ ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀଙ୍କ ସମେତ ବଡଡୁରାଲ, ମାଡକାପଦର, ଗୋବିନ୍ଦପାଲି, ଅଣ୍ଡରାହାଲ, ମୁଦୁଲିପଡା, ଖଇରପୁଟ, ପୋଡ଼ଘାଟ, ରାସବେଡା, କୁଡୁମୁଲୁଗୁମ୍ମା ଓ ପରକନମାଲା ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟାସଭ୍ୟ , ପଞ୍ଚାୟତ ସଭାପତିଙ୍କ ସହ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ଗ୍ୟାସ୍ ଟାଙ୍କି ପାଇପ୍ ଫାଟି ଅଗ୍ନିକାଣ୍ଡ, ଭୟରେ ଶତାଧିକ ଛାତ୍ର




କୋରୁକୋଣ୍ଡା, ୧୪।୭(ଅବିନାଶ ବେହେରା) ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନିଳାଦ୍ରିନଗର ଆବାସିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସନ୍ଧ୍ୟା ସାଢେ ୬ଟାରେ ଛାତ୍ରମାନଙ୍କ ପାଇଁ ରାତ୍ରି ଭୋଜନ ଲାଗି ରୋଷେଇ ଚାଲିଥିବା ବେଳେ ଗ୍ୟାସ ଟାଙ୍କି ପାଇପ ଫାଟି ସଙ୍ଗେସଙ୍ଗେ ନିଆଁ ଚାରିଆଡେ ବ୍ୟାପୀଯାଇଥିଲା। ରୋଷେଇରେ ନିୟୋଜିତ କର୍ମଚାରୀ ଭୟଭୀତ ହୋଇ ସେଠାରୁ ବାହାରି ଆସିଥିଲେ। ବିଦ୍ୟାଳୟ କର୍ମଚାରୀ ତୁରନ୍ତ ଏନେଇ କୋରୁକୋଣ୍ଡା ଅଗ୍ନିଶମ ବାହିନୀକୁ ଖବର ଦେବାରୁ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିବା ଅଗ୍ନିଶମ ଅଧିକାରୀ ବାସୁଦେବ ବିଶ୍ୱାଳ କହିଛନ୍ତି।

# ଆନ୍ଧ୍ର ପାଣି, ଓଡ଼ିଶାର ବିଦ୍ୟୁତ୍‌ରେ ସୀମିତ ଉନ୍ନତି

ନନ୍ଦପୁର, ୧୪।୭ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ଗ୍ରାମାଞ୍ଚଳକୁ ପ୍ରଶାସନ ଅଣଦେଖା କରି ଆସୁଥିବା ଅଭିଯୋଗ ହେଉଛି। ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପ୍ରଶାସନ ବିଫଳ ହୋଇଛି। ଏହାର ଉଦାହରଣ ପାଛଲୁଙ୍ଗ ପଞ୍ଚାୟତର ୯ନଂ. ୱାର୍ଡ। ୱାର୍ଡର ପଣସପୁଟ ଗ୍ରାମରେ ଓଡ଼ିଶା ସରକାର କେବଳ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିଛନ୍ତି। ଏହାବ୍ୟତୀତ ଗ୍ରାମବାସୀଙ୍କୁ ଏଯାଏ ରାସ୍ତା, ପାଣି, ପ୍ରାକ୍ ଶିକ୍ଷା, ସ୍ୱାସ୍ଥ୍ୟସେବା, ଭତ୍ତା, ଆବାସ ଗୃହ ଆଦି ସରକାରୀ ସୁବିଧା ସୁଯୋଗ କିଛି ମିଳିନାହିଁ। ଗ୍ରାମବାସୀଙ୍କୁ ଏସବୁ ଯୋଗାଇଦେବାରେ ସରକାର ବିଫଳ ହୋଇଛନ୍ତି।

ଗ୍ରାମବାସୀଙ୍କ ପାନୀୟ ଜଳ ବ୍ୟବସ୍ଥା ଆନ୍ଧ୍ର ପକ୍ଷରୁ କରାଯାଇଛି। ଗ୍ରାମରେ ଟାଙ୍କି ସ୍ଥାପନ କରି ଝରଣାପାଣିକୁ ଟ୍ୟାପ ମାଧ୍ୟମରେ ଗ୍ରାମବାସୀଙ୍କୁ ଯୋଗାଣ ହେଉଥିବା ଦେଖିବାକୁ ମିଳୁଛି। କୌଣସି ଆବଶ୍ୟକ ସାମଗ୍ରୀ ପାଇବାକୁ ହେଲେ ଗ୍ରାମରୁ ୪କି.ମି. ଦୂର ଅଣ୍ଡରଗୁଡା ଗ୍ରାମକୁ ଚାଲି ଚାଲି ଆସିବାକୁ ପଡେ ବୋଲି ୱାର୍ଡସଭ୍ୟା ବତୀ ରାମ୍ପା କହିଛନ୍ତି। ପଣସପୁଟ ଗ୍ରାମରେ ୩୦ ପରିବାର ରହୁଛନ୍ତି। ଜନସଂଖ୍ୟା ୧୫୦ରୁ ଊର୍ଦ୍ଧ୍ୱ ରହିଛି।



ପଣସପୁଟ ଗ୍ରାମକୁ ପଡ଼ିଥିବା ରାସ୍ତା।



ଓଡ଼ିଶା ପକ୍ଷରୁ ମିଳିଥିବା ଆଧାର କାର୍ଡକୁ ଜଣେ ମହିଳା ଦେଖାଉଛନ୍ତି।

ପାହାଡ଼ ମଥାନରେ ଥିବା ଏହି ଗ୍ରାମକୁ ଏଯାଏ ରାସ୍ତା ନାହିଁ। ଗ୍ରାମକୁ ଆନ୍ଧ୍ର ଦେଉଥିବା ପାଣି ଗ୍ରାମବାସୀ ବ୍ୟବହାର କରୁଛନ୍ତି। ୪ କି.ମି. ଦୂର ଅଣ୍ଡରଗୁଡା ଗ୍ରାମକୁ ଗଲେ ଅଙ୍ଗନଓ୍ଵାଡି, ବିଦ୍ୟାଳୟ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ବଜାର ସୁବିଧା ମିଳେ ବୋଲି କହନ୍ତି ବତୀ। ଚାଉଳ, ଭତ୍ତା, ସୁବିଧା ଅସୁବିଧା ସମ୍ପର୍କରେ ଅଭିଯୋଗ କରିବାକୁ ହେଲେ ୧୫ କି.ମି. ଦୂର ପାଛଲୁମ ପଞ୍ଚାୟତ ଓ ୬୦କି.ମି. ଦୂର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ଯିବାକୁ ପଡ଼େ ବୋଲି କହନ୍ତି ସେ। ଗ୍ରାମର ୮୦ ପ୍ରତିଶତ ଲୋକ ଜିଲା ସଦର ମହକୁମା କଣ ଜାଣିନାହାନ୍ତି। ଗ୍ରାମର ୦ରୁ୬ ବର୍ଷର ଶିଶୁ, କିଶୋରୀ କିଶୋର ଓ ଅଧାରୁ ଅଧିକ ଲୋକଙ୍କ ଆଧାର କାର୍ଡ ନାହିଁ। ଫଳରେ ସେମାନେ ରାଶନ କାର୍ଡ ଓ ଅନ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ବତୀ ପ୍ରକାଶ କରିଛନ୍ତି।

**ବିକାଶ ଖୋଜୁଛି ପଣସପୁଟ**

- ୮୦ ପ୍ରତିଶତ ଲୋକ ଜିଲା ସଦର ମହକୁମା କ'ଣ ଜାଣିନାହାନ୍ତି
- ଆବାସ ଯୋଜନାରେ ଏଯାଏ କାହାକୁ ମିଳିନି ଘର
- ଆବଶ୍ୟକ ସାମଗ୍ରୀ ପାଇବାକୁ ଚାଲିବାକୁ ପଡୁଛି ୪କି.ମି.

ଗ୍ରାମରେ ଆଜିଯାଏ କାହାକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। କେତେ ଜଣ ଗ୍ରାମବାସୀ ଆନ୍ଧ୍ରରୁ ଆସୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀଙ୍କ ସହାୟତାରେ ଆନ୍ଧ୍ର ପକ୍ଷରୁ ମିଳୁଥିବା ରାଶନ କାର୍ଡ, ଆଧାର କାର୍ଡ, ବ୍ୟାଙ୍କ ଖାତା, ୪/୫ ଜଣ ପିଲାଙ୍କ ପାଇଁ ଶିକ୍ଷା ସହାୟତା ପାଇଛନ୍ତି। ଗ୍ରାମର ଲିମା ହନ୍ତାଳଙ୍କ ସ୍ୱାମୀ ମୋହନ ରାଓ ହନ୍ତାଳଙ୍କ ମୃତ୍ୟୁର ୧୨ ବର୍ଷ ପରେ ଓ ନାଗ ଦେବୀ ହନ୍ତାଳ ତାଙ୍କ ସ୍ୱାମୀ ଜୟ ହନ୍ତାଳଙ୍କ ମୃତ୍ୟୁର ୨ ବର୍ଷ ପରେ ମଧ୍ୟ ବିଧବାଭତ୍ତା ପାଇନାହାନ୍ତି। ଏହି ୨ ମହିଳା ନିଜ ନିଜ ସ୍ୱାମୀଙ୍କ ମୃତ୍ୟୁଜନିତ ପ୍ରମାଣ ପତ୍ର କିପରି ପାଇବେ ଜାଣି ନ ଥିବାରୁ ଜାତୀୟ ପରିବାର ମଙ୍ଗଳ ଯୋଜନା, ଭତ୍ତା ଆଦି ସୁବିଧାରୁ ବଞ୍ଚିତ ହୋଇଥିବା ବତୀ କହିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ସୁଜିତ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ସୀମାନ୍ତ ଅଞ୍ଚଳ ପ୍ରତି କଡା ନଜର ରଖିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶ ରହିଛି। ଆଗାମୀ ଦିନରେ ପଣସପୁଟ ଗ୍ରାମ ପରିଦର୍ଶନ କରାଯାଇ ଉଭୟ ମହିଳାଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଲେ କୃଷି କର୍ମଚାରୀ

ମାଥିଲି, ୧୪।୭(ସୁବାସ ଚନ୍ଦ୍ର ଖୁଡୁପିଆ )

ମାଲକାନଗିରି ଜିଲା ମାଥିଲି କୃଷି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ୪ ଦଫା ଦାବି ପୂରଣ ନେଇ କୃଷି କର୍ମଚାରୀମାନେ ସମୂହ କଳାବ୍ୟାଜ୍ ପରିଧାନ କରିଛନ୍ତି। ରାଜ୍ୟ କୃଷି କର୍ମଚାରୀ ସଂଘ ଡାକରାରେ ବ୍ଲକର ସମସ୍ତ କୃଷି କର୍ମଚାରୀ କଳାବ୍ୟାଜ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ଦାବିପୂରଣ ନ ହେଲେ ଆଗକୁ ଆନ୍ଦୋଳନ ତୀବ୍ର କରିବେ ବୋଲି କର୍ମଚାରୀମାନେ ସୂଚନା ଦେଇଛନ୍ତି।

କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦାଙ୍କ ନେତୃତ୍ୱରେ ମାଥିଲି ଓ ଗୋବିନ୍ଦପାଲିଠାରେ ମୁଖ୍ୟରାସ୍ତା ଅବରୋଧ କରି କଂଗ୍ରେସ କର୍ମୀମାନେ ପିକେଟିଂ କରି ବନ୍ଦ ପାଳନ କରିଥିଲେ। ୪୨୦୦ ଗ୍ରେଡ୍ ପେ କରିବା, ୬ବର୍ଷରେ ଚାକିରି ସ୍ଥାୟୀ କରିବା, ପଦବୀର ମାନ୍ୟତା ବୃଦ୍ଧି, କ୍ୟାଡର ପୁନର୍ଗଠନ ଭଳି ସେମାନଙ୍କ ଦାବି ରହିଛି। ଆସନ୍ତା ୨୦ ମଧ୍ୟରେ ଦାବି ପୂରଣ ନ ହେଲେ ସମସ୍ତେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ଭିଏଡବ୍ଲୁ ଶ୍ୟାମ ପାଣିଗ୍ରାହୀ, କେ. ସତ୍ୟନାରାୟଣ, ପୁରୁଷୋତ୍ତମ କର, ଏନ୍. ଶ୍ରୀକାନ୍ତ, ଚନ୍ଦ୍ରଶେଖର ଦାସ, ସଂଗ୍ରାମ ମହାନ୍ତି, ଚକାଡୋଳା ବିଶୋୟୀ, ପ୍ରିୟଙ୍କା ଦାସ, ସବିତା ମାଝି, ଦୀପ୍ତିରାଣୀ ଚୌଧୁରୀ କାର୍ଯ୍ୟକାରୀ ସଭାପତି ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପ୍ରାଣକୃଷ୍ଣ ମଣ୍ଡଳ, ପର୍ଶୁରାମ ଭକ୍ତ, ପଦ୍ମ ପାଙ୍ଗି, ଇଶାକ ଖୋସଲା, ମାଲା ମାଡ଼ିଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତଥିଲେ।



ବନ୍ଦ ପାଳନରେ ସାମିଲ ହୋଇଥିବା କର୍ମଚାରୀମାନେ।

# ଶିକ୍ଷା, ସ୍ୱାସ୍ଥ୍ୟସେବା ସହ ରାସ୍ତା ସମସ୍ୟା ନେଇ ହଟ୍ଟଗୋଳ

- ପଞ୍ଚାୟତ ସମିତି ବୈଠକ
- ଜନପ୍ରତିନିଧିଙ୍କୁ ଖରାପ ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ: ବିଡିଓ

କୁନ୍ଦୁରା, ୧୪।୭ (ସନ୍ତୋଷ ପ୍ରହରାଜ )

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ,ବିଡିଓ ବିଚିତ୍ରାନନ୍ଦ ନାୟକ, ତହସିଲଦାର ଆୟୁବ ମଣ୍ଡଳ,ଏବିଡିଓ ରାମପ୍ରସାଦ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ରାସ୍ତାଘାଟ ସମସ୍ୟା ଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଜନପ୍ରତିନିଧିମାନେ ବୈଠକରେ ଅଭିଯୋଗ କରି ହଟ୍ଟଗୋଳ କରିଥିଲେ। ଗତ ପଞ୍ଚାୟତ ସମିତି ବୈଠକରେ ସରପଞ୍ଚ ଓ ସମିତିସଭ୍ୟମାନେ ବିଭିନ୍ନ ଉନ୍ନତମୂଳକ କାର୍ଯ୍ୟ ନେଇ ଲିଖିତ ଭାବେ ଦେଇଥିଲେ ମଧ୍ୟ ଏଯାଏ ସେସବୁ କାର୍ଯ୍ୟକାରୀ ହୋଇ ନ ଥିବା ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ବିଡିଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।




ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଥିବା ବୈଠକରେ ଜନପ୍ରତିନିଧିମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷକ ସମସ୍ୟା ଦୂର ନ ହେଲେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମେ ସବୁ ସରପଞ୍ଚ, ସମିତିସଭ୍ୟ ଧାରଣାରେ ବସିବୁ ବୋଲି ଚେତାବନୀ ଦେଇଥିଲେ। ମାତ୍ର ବୈଠକରେ ଉପସ୍ଥିତ ଏବିଇଓ କୈଳାସ ଚନ୍ଦ୍ର ଶତପଥୀ ଏହାକୁ ମାନି ନ ଥିଲେ। ସେ ଶିକ୍ଷକ ଅଭାବ ନେଇ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କୁ ଜଣାଇବାକୁ କହିଥିଲେ। ଫଳରେ ଜନପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କୁନ୍ଦୁରା ବ୍ଲକ ଅଧୀନରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୨୦୦ ମିଟର ଦୂରରେ ଚାଲିଥିବା ପଥର ଖାଦାନ ବନ୍ଦ କରିବାକୁ ଜନପ୍ରତିନିଧିମାନେ ବିଡିଓଙ୍କୁ ଜଣାଇଥିଲେ। ଏନେଇ ତହସିଲଦାର ଓ ଜିଲାପାଳଙ୍କୁ ଜଣାଇବି ବୋଲି ଶତପଥୀ କହିଥିଲେ। ଏଥିସହ ବ୍ଲକ ଅଞ୍ଚଳରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ, ସିଏଚଓଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରିବା,କ୍ୱାର୍ଟର୍ସ ପାଇ ଯେଉଁ କର୍ମଚାରୀ ରହୁନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଦୀର୍ଘ ଦିନ ଧରି କୁନ୍ଦୁରା ସଦର ମହକୁମାସ୍ଥିତ ମେଗା ଜଳ ପ୍ରକଳ୍ପରୁ ଅଞ୍ଚଳବାସୀଙ୍କୁ ସୁଫଳ ମିଳୁ ନ ଥିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ୟାଗୁଡିକ ଅନୁଧ୍ୟାନ କରାଯାଇ ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବ ବୋଲି ବୈଠକରେ ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୧୪।୭ (ପ୍ରଦୀପ କୁମାର ପାଢ଼ୀ)

ମୁଖ୍ୟ ନିର୍ବାଚନ ଆୟୋଗ ନିର୍ଦ୍ଦେଶକ୍ରମେ ଗୁଣପୁରସ୍ଥିତ ଗାୟତ୍ରୀ କଲେଜରେ ଶୁକ୍ରବାର ଭୋଟର ସ୍ୱାକ୍ଷରତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂତନ ଭୋଟର ଅଧିକାର ସାବ୍ୟସ୍ତ କରିବାକୁ ଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ଇଲେକଟ୍ରଲଲିଟରେ ସି କ୍ଲବ ନାମରେ ଏକ ଗ୍ରୁପ ଗଠନ କରାଯାଇଥିଲା। ଏହି ଅବସରରେ ପ୍ରଶାସନିକ ଅଧିକାରୀ ପି.ଭି. କଟେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ.ପ୍ରକାଶ ଚନ୍ଦ୍ର ସେନାପତି ,ଡ. କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ୧୮ ବର୍ଷରେ ପଦାର୍ପଣ କରିବା ପରେ ଭୋଟର ହିସାବରେ ପରିଗଣିତ ହୋଇଥାଏ। ସେମାନେ ଭୋଟ ଦେବା ଦ୍ୱାରା ଦେଶର ଲୋକ ପ୍ରତିନିଧି ନିର୍ବାଚିତ ହୋଇଥାନ୍ତି। ତେଣୁ ଭୋଟର ନିଜର ମତ ସାବ୍ୟସ୍ତ କରିବା ଉଚିତ ବୋଲି କହିଥିଲେ। ସୌମ୍ୟ ବିଶ୍ୱାଳ ଏବଂ ରାଜୀବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କର ଆଦାୟ ବନ୍ଦ ଦାବି

ଜୟପୁର,୧୪।୭(ପବନ ପାଣିଗ୍ରାହୀ)

ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କର ଆଦାୟ ବନ୍ଦ କରିବାକୁ ଜୟପୁର ନଗର ହିନ୍ଦୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ଜୟପୁର ତହସିଲଦାର ତଥା ଦେବୋତ୍ତର ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କୋରାପୁଟ ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଗୁପ୍ତେଶ୍ୱର ପୀଠ ସମଗ୍ର ଦକ୍ଷିଣ ଓଡ଼ିଶା ଆନ୍ଧ୍ର ଓ ଛତିଶଗଡ଼ର ହିନ୍ଦୁ ସେବକଙ୍କର ମଧ୍ୟରେ ପ୍ରସିଦ୍ଧ। ଏଠାରେ ବର୍ଷ ତମାମ ବିଶେଷକରି ଶ୍ରାବଣ ମାସ ସୋମବାରରେ ଭିଡ଼ ଜମେ। ଶତାଧିକ କାଉଡ଼ିଆ ମହାଦେବଙ୍କ ଦର୍ଶନ ଓ ଜଳାଭିଷେକ କରନ୍ତି। ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁ ଆସନ୍ତି। ସେମାନଙ୍କଠାରୁ ଦର୍ଶନ ବାବଦକୁ ୧୦ ଟଙ୍କା ଆଦାୟ କରାଯାଉଛି। ରାଜ୍ୟରେ କୌଣସି ସ୍ଥାନରେ ଦର୍ଶନ ପାଇଁ ଟଙ୍କା ଆଦାୟ କରାଯାଉ ନାହିଁ। କିନ୍ତୁ ଗୁପ୍ତେଶ୍ୱର ପୀଠରେ ଟଙ୍କା ଆଦାୟ କରାଯାଉଥିବାରୁ ଏହା ଏକ ଅପମାନ ପରି ମନେହେଉଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାକୁ ବନ୍ଦ କରିବାକୁ ମହାସଂଘ ଦାବି କରିଛି। ଦାବିପତ୍ର ପ୍ରଦାନବେଳେ ରାଷ୍ଟ୍ରୀୟ ପ୍ରବକ୍ତା ଚିନ୍ମୟୀ ସାହୁ, ନଗର ସଭାପତି ଅଭି ନାୟକ, ଶୁଭମ ପଣ୍ଡା, ବାପି ଜାନି, ଟିଙ୍କୁ ବେହେରା, ଜଗଦୀଶ ରାଓ, ସୁରଜ ପଟ୍ଟନାୟକ, ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଜୟପୁର ତହସିଲଦାର ସାଗରିକା ଷଡ଼ଙ୍ଗୀ ଦାବିପତ୍ର ଗ୍ରହଣ କରୁଛନ୍ତି ।

# ଚନ୍ଦ୍ରୟାନ-୩ ର ସଫଳତା ପାଇଁ ପୂଜାର୍ଚ୍ଚନା



ଜୟପୁର, ୧୪।୭(ପବନ ପାଣିଗ୍ରାହୀ)

ଜୟପୁର ଅରବିନ୍ଦନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଚନ୍ଦ୍ରୟାନ-୩ର ସଫଳତା ପାଇଁ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଅନୀଲ କୁମାର ଶତପଥୀ ଚନ୍ଦ୍ରୟାନ-୩ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ସମସ୍ତ ଶିଶୁ ଚନ୍ଦ୍ରୟାନ-୩ର ଉତ୍କ୍ଷେପଣ କାର୍ଯ୍ୟକ୍ରମ ଦେଖିଥିଲେ। ବିଜ୍ଞାନ ଗୁରୁମା ମୋନାଲିସା ଜେନା, ସ୍ୱୀକୃତି ଦାଶ, ବବିତା ମହାରଣା, ମୋନାଲିସା ସାହୁ, ଶିବାନୀ ନାୟକଙ୍କ ତତ୍ତ୍ୱାବଧାନ ଓ ପଦ୍ମିନୀ ମହାପାତ୍ରଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ କରାଯାଇଛି।

# ଭାରିଯାନ ଯିବାରୁ ପୁରୁଣା ବ୍ରିଜ୍ ଭୁଶୁଡ଼ିଲା

ଏମ୍‌ଭି ୭୯,୧୪।୭(ଭିକି ବାରିକ)- ମାଲକାନଗିରି ଜିଲା କାଲିମେଲା ବ୍ଲକ ମାଲାଭରମ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପଲ୍ଲି ଗ୍ରାମ ନିକଟରେ ଥିବା ପୁରୁଣା ବ୍ରିଜ ଶୁକ୍ରବାର ଭୁଶୁଡିପଡିଛି। ଏହା ଉପରେ ଭାରିଯାନ ଯିବାରୁ ଏହା ଭୁଶୁଡିପଡିଥିବା ଜଣାପଡିଛି। ଉକ୍ତ ରାସ୍ତା ଦେଇ ବର୍ତ୍ତମାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବ୍ରିଜ ଭୁଶୁଡିଥିବା ସୂଚନା ପାଇ ମାଲାଭରମ ସରପଞ୍ଚ ଦୁର୍ଗା ଚରଣ ମାଡ଼ି ଏବଂ ପୂର୍ବତନ ନାଏବ ସରପଞ୍ଚ ଅର୍ଜୁନ ବାବୁ ଘଟଣାସ୍ଥଳକୁ ଯାଇ ତଦାରଖ କରି ଫେରିଛନ୍ତି। ଖୁବ ଶୀଘ୍ର ନୂତନ ବ୍ରିଜ କାର୍ଯ୍ୟ ଆରମ୍ଭ ହେବ ବୋଲି ମାଡ଼ି ସୂଚନା ଦେଇଛନ୍ତି।

# ୧୨ଘଣ୍ଟା ମାଲକାନଗିରି ବନ୍ଦ

## ୪ ଦଫା ଦାବିରେ ବନ୍ଦ ଡାକରା ଦେଇଥିଲା କଂଗ୍ରେସ

ମାଲାକନଗିର/ବାଲିମେଳା/ମାଥିଲି/ କାଲିମେଳା/ଚିତ୍ରକୋଣ୍ଡା,୧୪।୭ (ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି/ ଶିବଦତ୍ତ ସାହୁ /ସୁବାସ ଚନ୍ଦ୍ର ଖୁଡୁପିଆ/ଜୀବନ କୃଷ୍ଣ ଦାଶ/ କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ୪ଦଫା ଦାବି ନେଇ ୧୨ ଘଣ୍ଟିଆ ବନ୍ଦ କରାଯାଇଛି। ଜିଲାରେ ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା, ବିଇଡି କଲେଜ ନିର୍ମାଣ ପରଠାରୁ ଏଯାଏ ସେଠାରେ ଶିକ୍ଷାଦାନ ବ୍ୟବସ୍ଥା ନ ହେବା, ଟାଟା ପାୱାରର ଗରିବ ମାରଣ ନୀତିକୁ ବିରୋଧ କରିବା ସହ ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଜିଲା କଂଗ୍ରେସର ଏକ ସ୍ୱତନ୍ତ୍ର ଟିମ୍ ଜୁନ ୨୩ରେ ଜିଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶୁକ୍ରବାର ଜିଲା କଂଗ୍ରେସ କମିଟି ୧୨ଘଣ୍ଟିଆ ଜିଲା ବନ୍ଦ ଡାକରା ଦେଇଥିଲା। ଫଳରେ ବାହାର ରାଜ୍ୟରୁ ଜିଲା ଦେଇ ଯାଉଥିବା ଓ ବାହାରୁ ଜିଲାକୁ ଆସୁଥିବା ଶତାଧିକ ଭାରିଯାନ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। ଗାଡ଼ି ଚଳାଚଳ ବନ୍ଦ ଥିବାରୁ ସମସ୍ୟା ଉପୁଜିଥିଲା। ଜିଲାରେ ଜଳଖିଆ ଓ ହୋଟେଲ ବନ୍ଦ ଥିଲା। ଗାଡିଚାଳକ ଓ ଯାତ୍ରୀମାନେ ସମସ୍ୟାରେ ପଡିଥିଲେ। ଶିକ୍ଷାନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ ସହ କେତେକ ଅନ୍ୟାନ୍ୟ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏହି ବନ୍ଦରୁ ଔଷଧ ଦୋକାନ ଓ ଆମ୍ବୁଲାନ୍ସକୁ ବାଦ ଦିଆଯାଇଥିଲା।

ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ମାଲକାନଗିରି ସଦରରେ କଂଗ୍ରେସ କର୍ମକର୍ତ୍ତାମାନେ ସହରର ବିଭିନ୍ନ ଛକରେ ପିକେଟିଂ କରିଥିଲେ। ୩୨୬ ନଂ. ଜାତୀୟ ରାଜପଥରେ ଯାତାୟାତ କରୁଥିବା ସମସ୍ତ ଗାଡିମୋଟର ଅଟକି ରହିଥିଲା। ବିଭିନ୍ନ ସ୍ଲୋଗାନ ଦେଇ ଶତାଧିକ କଂଗ୍ରେସ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ବିଭିନ୍ନ କାର୍ଯ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସ୍‌ଲା, ବରିଷ୍ଠ କର୍ମୀ ଶ୍ୟାମ ସେଠୀ, ଯୁବନେତା କପିଳା ପ୍ରଧାନ ଓ ଦଳର କର୍ମୀମାନଙ୍କ ସହଯୋଗରେ ୧୨ ଘଣ୍ଟିଆ ବାଲିମେଳା ବନ୍ଦ ପାଳନ କରାଯାଇଥିଲା। ଓର୍କେଲ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା।

କାଲିମେଳା ଅଞ୍ଚଳରେ ସମସ୍ତ ଦୋକାନ ବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସକାଳ ୭ଟାରେ କଂଗ୍ରେସ ପୂର୍ବତନ ବିଧାୟକ ମାଲା ମାଡ଼ିଙ୍କ ନେତୃତ୍ୱରେ ବ୍ଲକ କିଷାନ ସେଲ ସଭାପତି ସୋମନାଥ ପଡିଆମି, ବ୍ଲକ କଂଗ୍ରେସ ସଭାପତି ନାରାୟଣ ମଲ୍ଲିକ, ଇର୍ମା କବାସୀ, ବିକାଶ ମଲ୍ଲିକ, ନିଳକଣ୍ଠ ପଟ୍ଟନାୟକ ଆଦି ଶତାଧିକ କଂଗ୍ରେସ କର୍ମୀ ପିକେଟିଂ କରି କାଲିମେଳା ମୁଖ୍ୟ ଛକ ପଡିଆ ଓ ମାଲକାନଗିରି ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ କରିଥିଲେ। ମାଲକାନଗିରି,ମୋଟୁ ଏବଂ ପଡିଆ ରାଜପଥରେ ବହୁ ଗାଡ଼ି ଅଟକି ରହିଥିଲା। କାଲିମେଳା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ ସଭାପତି ବିଦେଶୀ ଗୌଡ଼ଙ୍କ ନେତୃତ୍ୱରେ ଜୋନ୍-୧ ଜିଲା ପରିଷଦ ସଭ୍ୟା ମିନତି ଖିଲ, ସଭାପତି ବିଜୟ ଭତ୍ରା ଓ ଦେବ ମାଇତି ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ପଞ୍ଜାବୀ ଛକ ଓ ଡ୍ୟାମ୍‌ଠାରେ ବସ୍ ଚଳାଚଳ ବନ୍ଦ କରାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇଥିବା ଚିତ୍ରକୋଣ୍ଡା ଏସ୍‌ଡିପିଓ ଆରଲେସିଅସ କିସ୍‌ପୋଟା କହିଛନ୍ତି।



ମାଲକାନଗିରିରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ଚିତ୍ରକୋଣ୍ଡାରେ ଦଳୀୟ କର୍ମୀମାନେ ବସ୍ ଅଟକାଇ ଆନ୍ଦୋଳନ କରୁଛନ୍ତି ।

